## ଯୁକ୍ତ ୨ ଗଣିତ ପରୀକ୍ଷାରେ ଦକ୍ଷିଣାଞ୍ଚଳ ଜୋନ୍‌ର ୧୨ ଏମ୍‌ପି

**ବ୍ରହ୍ମପୁର ଅଫିସ,୨୩।୩:** ରାଜ୍ୟରେ ଚାଲିଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ସଞ୍ଚାଳିତ +୨ ବାର୍ଷିକ ପରୀକ୍ଷା ଗୁରୁବାର ଦଶମ ଦିବସ ଗଣିତ, କଳାରେ ଗୃହ ବିଜ୍ଞାନ, ଧନ୍ଦାମୂଳକର ଅର୍ଥଶାସ୍ତ୍ର ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଗଣିତ ପରୀକ୍ଷାରେ ୧୨ ଜଣ ପରୀକ୍ଷାର୍ଥୀ କପିକରି ଜୋନାଲ ସ୍କ୍ୱାର୍ଡ ଦ୍ୱାରା ଧରାପଡ଼ି ଏମ୍‌ପି ହୋଇଛନ୍ତି। ଏମ୍‌ପି ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଛତ୍ରପୁରସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ, ବ୍ରହ୍ମପୁର ମହାମାୟୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ ଏମ୍‌ପି ହୋଇଥିବା ବେଳେ କୋରାପୁଟ ଜିଲାର ବିକ୍ରମ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା ପରିଚାଳନା ହବ୍ ଅଧୀନସ୍ଥ ବାମିନିପୁଟସ୍ଥିତ ସରକାରୀ ଏସ୍ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୦ପରୀକ୍ଷାର୍ଥୀ କପି ଅଭିଯୋଗରେ ବୁକ ହୋଇଥିବା ଦକ୍ଷିଣାଞ୍ଚଳ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ ଡ. କୁଳମଣି ଓଝାଙ୍କ ସୂତ୍ରରୁ ପ୍ରକାଶ।

## ପରକୀୟା ପ୍ରୀତିରୁ ହତ୍ୟା ମାମଲା

# ଅଭିଯୁକ୍ତଙ୍କୁ ଆଜୀବନ ଜେଲ

### ଅନ୍ୟ ଜଣେ ହାଜର ନ ହେବାରୁ ଗିରଫ ପରୱାନା ଜାରି

**ବ୍ରହ୍ମପୁର ଅଫିସ,୨୩।୩**

ପ୍ରାୟ ୪ବର୍ଷ ତଳେ ପରକୀୟା ପ୍ରୀତିରୁ ଏକ ହତ୍ୟା ମାମଲାର ବିଚାର କରି ଗୁରୁବାର ଗଞ୍ଜାମ ଅତିରିକ୍ତ ଜିଲା ଦୌରାଜଜ୍ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦାୟ ଅତିରିକ୍ତ ୧ବର୍ଷ ଜେଲଦଣ୍ଡରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ପାଟପୁର ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମର ନାରାୟଣ ସାହୁ।

ସୂଚନାଯୋଗ୍ୟ, ୨୦୧୭ ମେ ୪ରେ ଗଜପତି ଜିଲା ମୋହନା ଅଞ୍ଚଳର ଉତ୍ତମ ପାତ୍ର ବ୍ରହ୍ମପୁର ସଦର ଥାନା ଅଞ୍ଚଳରେ ତାଙ୍କ ପୁଅ ଲକ୍ଷ୍ମୀନାରାୟଣଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଏତଲାରେ ଦର୍ଶାଇଥିଲେ, କନ୍ଧମାଳ ଜିଲା ବ୍ରାହ୍ମଣୀଗାଁର ଅରକ୍ଷିତ ଦଳବେହେରାଙ୍କ ଝିଅ ଯମୁନାଙ୍କ ସହ ଲକ୍ଷ୍ମୀନାରାୟଣଙ୍କର ବିବାହ ହୋଇଥିଲା। ଅନ୍ୟପଟେ ଯମୁନାଙ୍କର ପାଟପୁର ଥାନା ସିଙ୍ଗିପୁର ଗ୍ରାମର ନାରାୟଣ ସାହୁଙ୍କ ସହ ଅନୈତିକ ସମ୍ପର୍କକୁ ନେଇ ସେମାନଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ଉଠିଥିଲା। କିନ୍ତୁ ଦୁଇ ପରିବାର ଏହାର ସମାଧାନ କରିଥିଲେ। ଅଭିଯୋଗ କରିବାର ଦେଢ ମାସ ତଳେ ତାଙ୍କ ବୋହୂ ଯମୁନା ନାରାୟଣଙ୍କ ସହ କେଉଁଆଡ଼େ ଚାଲି ଯାଇଥିବା ନେଇ ବାପା ମୋହନା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବୋହୂ ଘରକୁ ଫେରିବାରୁ ତାଙ୍କୁ ନାତି ଓ ପୁଅ ସହ ପୋଇଗୁଡ଼ାକୁ ପଠାଇ ଦେଇଥିଲେ। ତା'ର ଦୁଇ ଦିନ ପରେ ନାରାୟଣ ସେଠାରେ ପହଁଚି ଯମୁନାଙ୍କ ସହ ଲକ୍ଷ୍ମୀନାରାୟଣଙ୍କ ଗୋଡ଼ରେ ଲାଗିଥିବା ଆଘାତ ଚିକିତ୍ସା ପାଇଁ ବ୍ରହ୍ମପୁର ନେଇ ଯାଇଥିଲେ, କିନ୍ତୁ ଲକ୍ଷ୍ମୀନାରାୟଣ ଆଉ ଫେରିନଥିଲେ।

କିଛିଦିନ ପରେ ବାପା ଉତ୍ତମ ପୋଇଗୁଡ଼ାରେ ରହୁଥିବା ବୋହୂ ଯମୁନାଙ୍କୁ ପୁଅ ସମ୍ପର୍କରେ ପଚାରିବାରୁ ସେ କିଛି ଜାଣିନଥିବା କହିଥିଲେ। ପରେ ସେ ମୋହନା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଯମୁନାଙ୍କୁ ମୋହନା ଥାନାକୁ ନେଇ ପଚରାଉଚରା କରିବାରୁ ନାରାୟଣ ସହ ମିଶି ସେ ଲକ୍ଷ୍ମୀନାରାୟଣଙ୍କୁ ଆଙ୍କୁଶପୁର ସ୍ଥିତ ମିଲ ସାହିର ଏକ ଭଡ଼ାଘରେ ତଣ୍ଟିଚିପି ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଏହାପରେ ଉତ୍ତମ ସମ୍ପର୍କୀୟଙ୍କ ସହ ସେଠାକୁ ଯାଇ ଦେଖିଲା ବେଳକୁ ଉକ୍ତ ଘରେ ତାଲା ଝୁଲୁଥିବା ବେଳେ ଭିତରୁ ପଚାଗନ୍ଧ ବାହାରୁଥିବାରୁ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ସେଠାରୁ ଲକ୍ଷ୍ମୀନାରାୟଣଙ୍କ ଗଳିତ ମୃତଦେହ ଉଦ୍ଧାର କରି ନଂ. ୮୫/୧୭ରେ ଏକ ମାମଲା ରୁଜୁ ପରେ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ଦୁହେଁ କୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇଥିଲେ। ଏହି ମାମଲାର ବିଚାର ବେଳେ ୨୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗୁରୁବାର ଶୁଣାଣି ବେଳେ ନାରାୟଣ କୋର୍ଟରେ ହାଜର ହୋଇଥିବା ବେଳେ ଯମୁନା ହାଜର ହୋଇନଥିଲେ। ଯମୁନାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଛି। ଏଡିଜେ ଚାର୍ଜଶିଟ ଓ ସାକ୍ଷୀଙ୍କ ବୟାନକୁ ଆଧାର କରି ଅଭିଯୁକ୍ତ ନାରାୟଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରୀ ଓକିଲ ଜ୍ଞାନେନ୍ଦ୍ର ନାଥ ଜେନା ଓ ଅନିଲ ସାହୁ ମାମଲା ପରିଚାଳନା କରୁଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ କିରଣ



@ ଶୁଭସ୍ମିତା



@ ମନୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବୁଢ଼ୀ ଠାକୁରାଣୀ ଯାତ୍ରା, ନିଯୁକ୍ତ ହେବେ ୬ ପ୍ଲାଟୁନ ଫୋର୍ସ




ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ବରିଷ୍ଠ ଅଧିକାରୀମାନେ ।

**ବ୍ରହ୍ମପୁର ଅଫିସ,୨୩।୩**

ଏପ୍ରିଲ ୪ରୁ ବ୍ରହ୍ମପୁର ମା' ବୁଢ଼ୀ ଠାକୁରାଣୀଙ୍କ ପ୍ରସିଦ୍ଧ ଦ୍ୱିବାର୍ଷିକ ଯାତ୍ରା ଆରମ୍ଭ ହେବ। ଗୁରୁବାର ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଏକ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ସି ଅଧ୍ୟକ୍ଷତା କରିଥିଲେ। ବୈଠକରେ ଯାତ୍ରା ସମୟରେ ସୁରକ୍ଷିତ ଦର୍ଶନ, ଟ୍ରାଫିକ ନିୟନ୍ତ୍ରଣ, ଭିଡ଼ ନିୟନ୍ତ୍ରଣ, ପାନୀୟ ଜଳ ଯୋଗାଣ, ସ୍ୱଚ୍ଛତା, ସିସିଟିଭି କ୍ୟାମେରା ସଂଯୋଗୀ କରଣ, ସ୍ୱାସ୍ଥ୍ୟସେବା, ଅଗ୍ନିଶମ ସେବା, ବିଦ୍ୟୁତ୍ ସଂଯୋଗୀକରଣ ଆଦି ବିଷୟରେ ଆଲୋଚନା ହୋଇଥିଲା। ଯାତ୍ରାରେ ଚଳିତ ବର୍ଷ ମଧ୍ୟ ସମାନ ବ୍ୟବସ୍ଥା ରହିବ ବୋଲି ଉପଜିଲାପାଳ କୁଲକର୍ଣ୍ଣି କହିଥିଲେ। ସେହିକରି ଚଳିତ ବର୍ଷ ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ଏହାସହ ୨୦ ଜଣ ପୋଲିସ ଅଧିକାରୀ ଯାତ୍ରା ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବେ। ଭିଡ଼ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ମା'ଙ୍କ ଅସ୍ଥାୟୀ ମଣ୍ଡପରୁ ଆରମ୍ଭ କରି ବ୍ୟାରିକେଡ୍ ବ୍ୟବସ୍ଥା କରାଯିବ। କଣ୍ଟ୍ରୋଲ ରୁମ୍ ନିମନ୍ତେ ନିକଟସ୍ଥ ଆସ୍କୋରୋଡ଼ ସ୍ଥିତ ଦୁଇଟି ବିଦ୍ୟାଳୟକୁ ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ କରାଯାଇଛି। ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ସ୍ଥାନେସ୍ଥାନେ ଡ଼ଷ୍ଟବିନ୍ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ସେହପରି ଯାତ୍ରା ଶେଷ ଦୁଇ ସପ୍ତାହ ପ୍ରବଳ ଭିଡ଼ ଲାଗି ରହିବ। ଏହି ସମୟରେ କେଉଁ କେଉଁ ସାହିରେ ମା'ଙ୍କ ଘଟ ପରିକ୍ରମା ହେବ ତାକୁ ଚିହ୍ନଟ କରିବା ସହ ଭିଡ଼ ନିୟନ୍ତ୍ରଣ ଲାଗି ଅଧିକା ଗୁରୁତ୍ୱ ଦେବା ନିମନ୍ତେ ଉପଜିଲାପାଳ ବଡ଼ବଜାର ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ପୂର୍ବ ପ୍ରସ୍ତୁତି ବୈଠକ

ସେହିପରି ଘଟ ପରିକ୍ରମା ହେଉଥିବା ସାହିଗୁଡିକରେ ଦଉଡ଼ି ବାନ୍ଧି ଭିଡ଼ ନିୟନ୍ତ୍ରଣ କରିବା ନିମନ୍ତେ କୁହାଯାଇଥିକଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବଡ଼ବଜାର ଥାନା ଅଧିକାରୀ ପ୍ରଶାନ୍ତ ଭୂପତି, ଦୁର୍ଗାପ୍ରସାଦ ଦେଶୀବେହେରା, ବଦ୍ରିନାରାୟଣ ନାୟକ ଯାତ୍ରା କମିଟି ସଦସ୍ୟ, ଅତିରିକ୍ତ ଅଗ୍ନିଶମ ସେବା ଅଧିକାରୀ ସନ୍ତୋଷ ପାଣିଗ୍ରାହୀ, ତହସିଲଦାର ରବୀନ୍ଦ୍ର କୁମାର ମିଶ୍ର, ଡ଼େପୁଟି କମିଶନର ଆଶୀର୍ବାଦ ପରିଡ଼ା, ଏନ୍‌ଫୋର୍ସମେଣ୍ଟ ଅଧିକାରୀ, ଟିପିଏସ୍‌ଓଡ଼ିଲ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗରିବ ଦାସ ମୃତ୍ୟୁ: ଆତ୍ମହତ୍ୟା ନୁହେଁ, ହତ୍ୟା

**ବେଗୁନିଆପଡ଼ା,୨୩।୩**

ଜାନୁଆରୀ ୨୯ ରାତିରେ ଘଟିଥିବା ଗରିବ ଦାସଙ୍କ ମୃତ୍ୟୁ ଘଟଣା ଏବେ ନୂଆ ମୋଡ଼ ନେଇଛି। ଗରିବଙ୍କ ମୃତ୍ୟ ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଥିଲା ବେଳେ ବ୍ୟବଛେଦ ରିପୋର୍ଟ ଏବଂ ଫୋନ କଲ୍ ତଥ୍ୟକୁ ଆଧାର କରି ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଜଣାପଡିଛି। ପ୍ରକାଶ ଯେ, ଜାନୁଆରୀ ୨୯ ରାତିରେ ଏକ କୂଅରୁ ଗରିବଙ୍କ ଗଳିତ ମୃତଦେହ ଜବତ ହୋଇଥିଲା। ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ଜଣାପଡିଥିବା ବେଳେ ପରବର୍ତ୍ତୀ ସମୟରେ ତାଙ୍କ ସ୍ତ୍ରୀଙ୍କ ଉପରେ ସନ୍ଦେହ ହୋଇଥିଲା। ଫଳରେ ବିଭିନ୍ନ ଦିଗରୁ ଅନୁସନ୍ଧାନ କରିବା ପରେ ଏହା ଏକ ପ୍ରେମଜନିତ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଜାଣିବାକୁ ପାଇଥିଲେ। ବେଗୁନିଆପଡା ଥାନା ଆଇଆଇସି ଗିରଫ ସ୍ତ୍ରୀ ଏବଂ ପ୍ରେମିକଙ୍କୁ ଦଫା ୩୦୨ ରେ କୋର୍ଟ ଚାଲାଣ କରାଯିବା ନେଇ ସୂଚନା ଦେଇଛନ୍ତି।

# ଓକିଲ ସଂଘ ନିର୍ବାଚନ ଶାନ୍ତିଶୃଙ୍ଖଳାରେ କରାଯିବ

**ବ୍ରହ୍ମପୁର ଅଫିସ,୨୩।୩**

ଗଞ୍ଜାମ ଓକିଲ ସଂଘର ଚଳିତ ବର୍ଷ ନିର୍ବାଚନ ଯେପରି ସୁରୁଖୁରୁରେ ଏବଂ ଶାନ୍ତିଶୃଙ୍ଖଳାରେ ସମାପନ ହେବ ଏବଂ ରାଜ୍ୟ ବାର୍ କାଉନସିଲର ନିୟମ ମୁତାବକ କ'ଣ କରାଯିବ ସେ ନେଇ ନିର୍ବାଚନ ଅଧିକାରୀ ଅକ୍ଷୟ କୁମାର ପଟ୍ଟନାୟକ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଆସନ୍ତା ୨୫ରେ ହେବାକୁ ଥିବା ନିର୍ବାଚନରେ ୧୫୧୬ ଆଇନଜୀବା ଭୋଟ ଦେବେ। ଗଞ୍ଜାମ ଓକିଲ ସଂଘର ସମସ୍ତ ଆଇନଜୀବୀ ସକାଳ ୮ଟାରୁ ଅପରାହ୍ନ ୩ ଟା ମଧ୍ୟରେ ଗଞ୍ଜାମ ବାର୍‌କୁ ଆସି ମତଦାନ କରିବେ। ଭୋଟ ଦେବା ସମୟରେ ପ୍ରକୋଷ୍ଠ ମଧ୍ୟକୁ ମୋବାଇଲ୍ ଫୋନ୍ କିମ୍ବା କ୍ୟାମେରା ସମ୍ପୂର୍ଣ୍ଣ ନିଷେଧ ବୋଲି କୁହାଯାଇଛି। ସେହିପରି ଭୋଟ ଦେବା ବେଳେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ ସେଥିପାଇଁ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କୁ ଅବଗତ କରାଯାଇଛି ବୋଲି ସେ କହିଥିଲେ। ଚଳିତ ବର୍ଷ ନିର୍ବାଚନରେ ସଭାପତି, ଉପସଭାପତି, ସମ୍ପାଦକ ଓ ଯୁଗ୍ମ ସମ୍ପାଦକ ଆଦି ପଦବୀ ନିମନ୍ତେ ମୋଟ ୧୭ ଜଣ ପ୍ରାର୍ଥୀ ରହିଛନ୍ତି।

ଭୋଟ୍ ଗଣତିରେ ସୁବିଧା ପାଇଁ ଚଳିତ ବର୍ଷ ୪ଟି ପଦବୀ ପାଇଁ ସ୍ୱତନ୍ତ୍ର ୮ଟି ବକ୍ସର ବ୍ୟବସ୍ଥା କରାଯାଇଛି। ଗୋଟିଏ ଗୋଟିଏ ପଦବୀ ପାଇଁ ଦୁଇଟି ବକ୍ସ ରହିଛି। ଅନ୍ୟପଟେ ପୃଥକ୍ ଭାବେ ୬ଟି ବୁଥ୍ ମଧ୍ୟ କରାଯାଇଛି। ସେହିପରି ଉପରୋକ୍ତ ପଦବୀ ପାଇଁ ଭିନ୍ନ ଭିନ୍ନ ରଙ୍ଗର ୪ଟି ବାଲଟ୍ ପେପର୍ ମଧ୍ୟ କରାଯାଇଛି। ଫଳରେ ଭୋଟ୍ ଗଣତି ସୁବିଧା ଓ ସହଜ ହେବ ବୋଲି ସେ କହିଛନ୍ତି। ଗଞ୍ଜାମ ଓକିଲ ସଂଘ ସମ୍ମିଳନୀ କକ୍ଷରେ ମତଦାନ ହେବ। ଏଠାରେ ନିର୍ବାଚନ ଅଧିକାରୀ ଅକ୍ଷୟ କୁମାର ପଟ୍ଟନାୟକଙ୍କ ସମେତ ୩୦ ଜଣ ଅତିରିକ୍ତ ନିର୍ବାଚନ ଅଧିକାରୀ ରହିବେ। ମତଦାନ ସରିବା ପରେ ଅପରାହ୍ନ ୪ଟାରେ ଗଣନା ହୋଇ ଶେଷରେ ଫଳାଫଳ ଘୋଷଣା କରାଯିବ। ନିର୍ବାଚନ ଦିନ କୋର୍ଟ ପରିସରରେ ଯେପରି କୌଣସି ଅଘଟଣ କିମ୍ବା ଅସୁବିଧା ନ ହେବ ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି। ଭୋଟ ଦେବାକୁ ଆସୁଥିବା ସମସ୍ତ ଭୋଟର ବାର୍ କାଉନସିଲ୍ ପକ୍ଷରୁ ଦିଆଯାଇଥିବା ପରିଚୟପତ୍ର କିମ୍ବା ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଦିଆଯାଇଥିବା ପରିଚୟ ପତ୍ର ଦେଖାଇ ଭୋଟ ଦେଇପାରିବେ। ବିନା ପରିଚୟ ପତ୍ରରେ ମତଦାନ କେନ୍ଦ୍ରକୁ ପ୍ରବେଶ ନ କରିବାକୁ ନିର୍ବାଚନ ଅଧିକାରୀ ଅନୁରୋଧ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଚୟନ ମହାପାତ୍ର ଏବଂ ଶିଶିର କୁମାର ଭୋଳ, ସଂଘ ପୂର୍ବତନ ସମ୍ପାଦକ ସୁଶୀଲ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ।



ନିର୍ବାଚନ ଲାଗି ଆୟାଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଳାତ୍କାର: ଜେଲ୍ ଗଲେ ସିପାହୀ

**ବ୍ରହ୍ମପୁର ଅଫିସ,୨୩।୩**

ଏକ ଆବାସିକ ସ୍କୁଲର ଜନୈକା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର ଅଭିଯୋଗରେ ବ୍ରହ୍ମପୁର ସଦର ଥାନା ପୋଲିସ ଜଣେ ସିପାହୀଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ମୋହନା ଥାନା ଅନ୍ତର୍ଗତ କାଳିଆପୁଟା ଗ୍ରାମର ଭୁବନା ନନ୍ଦ ନାୟକ। ଭୁବନାନନ୍ଦ ତୃତୀୟ ବାଟାଲିୟନ (ଏସ୍ଏସ୍‌ବିଏନ)ର ସିପାହୀ। ସେ ବର୍ତ୍ତମାନ ରାୟଗଡ଼ା ଜିଲା ବିଷମକଟକ ଥାନାରେ କାର୍ଯ୍ୟରତ ଅଛନ୍ତି। ଗୁରୁବାର ଉଭୟ ପୀଡ଼ିତା ଓ ସିପାହୀଙ୍କ ଡାକ୍ତରୀ ମାଇନା କରାଯାଇଥିବା ପୋଲିସ କହିଛି। ମାମଲା ନମ୍ବର ୧୮୨/୨୩ ରେ ଗୁରୁବାର ସିପାହୀଙ୍କୁ କୋର୍ଟ ଚାଲାଣ କରିଛି।



ଭୁବନା ନନ୍ଦ ନାୟକ।

ପ୍ରକାଶ ଯେ, ଗଜପତି ଜିଲା ଚାନ୍ଦିପୁଟ ଗ୍ରାମର ୩୭ବର୍ଷୀୟା ଜୈନିକା ବିବାହିତା ମହିଳା ଏକ ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଥିଲେ। ତାଙ୍କର ଜଣେ ପୁଅ ଓ ଝିଅ ଅଛନ୍ତି। କୌଣସି କାରଣକୁ କେନ୍ଦ୍ର କରି ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ହୋଇ ବ୍ରହ୍ମପୁର ସଦର ଥାନା ଅଞ୍ଚଳରେ ରହୁଥିଲେ। ସାଥିରେ ତାଙ୍କର ଦୁଇ ସନ୍ତାନଙ୍କୁ ରଖିଥିଲେ। ୨୦୧୦ରେ ସିପାହୀ ଭୁବନାନନ୍ଦ ସମ୍ପୃକ୍ତ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ସେହିପରି ସିପାହୀ ତାଙ୍କର ୩ ଥର ଗର୍ଭପାତ କରାଇଛନ୍ତି। ଏପରିକି ସିପାହୀ ଜଣଙ୍କ ମହିଳାଙ୍କ ସହ ଲଗାତର ଭାବେ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ସେ ମହିଳାଙ୍କଠାରୁ ବିଭିନ୍ନ ଆଳରେ ପ୍ରାୟ ୧୨ ଲକ୍ଷ ଟଙ୍କା ହଡପ କରି ନେଇଯାଇଥିଲେ। ମହିଳାଙ୍କ ସହ ସମ୍ପର୍କ ରଖି ସିପାହୀ ଜଣଙ୍କ ତାଙ୍କ ଅଜାଣତରେ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିଥିବା ଜଣାପଡିଥିଲା। ମହିଳା ଜଣଙ୍କ ଏହାର ପ୍ରତିବାଦ କରି ବ୍ରହ୍ମପୁର ସଦର ଥାନାରେ ଅଭିଯୋଗ କରିଥିଲେ।

## କିଆବୁଦାରୁ ମୃତଦେହ ଜବତ

**ଛତ୍ରପୁର, ୨୩।୩ (ଡି.ଏନ୍.ଏ.)**

ଚମାଖଣ୍ଡି ଥାନା ଅନ୍ତର୍ଗତ ଡୁବୁଲି ଛକ ନିକଟ କୋଷ୍ଟଗାର୍ଡ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ପାର୍ଶ୍ୱ ଏକ କିଆବୁଦାରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ବଡ଼ ଆର୍ଯ୍ୟପଲ୍ଲୀ ଗ୍ରାମର ଏ. ଚନ୍ଦ୍ରେୟା। ଗୁରୁବାର ସକାଳେ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଚମାଖଣ୍ଡି ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଜାରି ରଖିଛି। କୌଣସି ଏକ ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରି ପରିବାର ବର୍ଗ ଓ ସ୍ଥାନୀୟ ବାସିନ୍ଦା ରାସ୍ତାରୋକୋ କରିଥିଲେ। ଏନେଇ ତାଙ୍କ ପରିବାରକୁ କ୍ଷତି ପୂରଣ ପ୍ରଦାନ କରିବା ଲାଗି ସେମାନେ ଦାବି କରିଛନ୍ତି।

## ଲାଞ୍ଚ ଗ୍ରହଣ ମାମଲା

# ପ୍ରମାଣ ଅଭାବରୁ ୩ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୨୩।୩**

ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଗୁରୁବାର ଏକ ଲାଞ୍ଚ ଗ୍ରହଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଘଟଣାର ୭ ବର୍ଷ ପରେ ୩ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଛତ୍ରପୁର ସାଉଥ୍‌କୋ ସବ୍ ଡିଭିଜନର ତତ୍କାଳୀନ ଲାଇନ୍‌ମ୍ୟାନ(ସି) ବ୍ରହ୍ମପୁର ଗୋଷାଣୀନୂଆଗାଁ ଅଜିତ କୁମାର ସାହୁ (୪୨), ଗଞ୍ଜାମର ତପନ କୁମାର ବେହେରା (୩୯)ଓ ଲାଡ଼ରମ୍ୟାନ ଛତ୍ରପୁରର କୃଷ୍ଣଚନ୍ଦ୍ର ମିଶ୍ର (୩୭)।

ପ୍ରକାଶ ଯେ, ଛତ୍ରପୁର ନୂଆସାହିର ମନ୍ମଥ କୁମାର ପାଢୀ ନିଜର ଏକ ଦୋକାନ ଗୃହରେ ବିଦ୍ୟୁତ୍ ସଂଯୋଗ ପାଇଁ ଉପରୋକ୍ତ କର୍ମଚାରୀଙ୍କୁ ଭେଟିଥିଲେ। ନୂଆ ବିଦ୍ୟୁତ୍ ସଂଯୋଗ ପାଇଁ ଅତିରିକ୍ତ ୨ ହଜାର ଟଙ୍କା ସେମାନେ ଆବେଦନକାରୀଙ୍କୁ ମାଗିଥିଲେ। ଆବେଦନକାରୀ ଜଣଙ୍କ ଏନେଇ ବ୍ରହ୍ମପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଆବେଦନକାରୀ ୨୦୧୫ ମେ' ୭ରେ ଉକ୍ତ କାର୍ଯ୍ୟାଳୟକୁ ଯାଇ ଉପରୋକ୍ତ ୩ କର୍ମଚାରୀଙ୍କୁ ୨ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଭିଜିଲାନ୍ସ ଟିମ୍ ସେଠାରେ ଚଢାଉ କରି ଲାଞ୍ଚ ଟଙ୍କା ଜବତ କରିଥିଲା। ମାମଲା ନମ୍ବର ୨୩/୧୫ରେ ଉପରୋକ୍ତ କର୍ମଚାରୀମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ତତ୍କାଳୀନ ଭିଜିଲାନ୍ସ ଇନ୍ସପେକ୍ଟର ସୋମନାଥ ବାରିକ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ଅଭିଯୁକ୍ତମାନଙ୍କୁ ଜାମିନ ମିଳିଥିଲା। ଉକ୍ତ ମାମଲାର ବିଚାର ବେଳେ ୧୦ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗୁରୁବାର ଶୁଣାଣି ବେଳେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଶୁଣାଣି ବେଳେ ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସୁରେନ୍ଦ୍ର ପଣ୍ଡା ଓ ମୁଦାଲାଙ୍କ ପକ୍ଷରୁ ପ୍ରସାଦ ପଟ୍ଟନାୟକ, ପ୍ରଦୀପ କୁମାର ପଣିଗ୍ରାହୀ ଓ ମନୋଜ କୁମାର ମହାନ୍ତି ମକଦ୍ଦମା ପରିଚାଳନା କରିଥିଲେ।

# ଚିତ୍ରକର ସଂଘ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର

**ଦିଗପହଣ୍ଡି,୨୩।୩(ଡି.ଏନ.ଏ.)**

ଅଲ୍ ଓଡିଶା ପେଣ୍ଟିଂ ଆର୍ଟିଷ୍ଟ ୱାର୍କର୍ସ ଆସୋସିଏଶନ ସହବନ୍ଧିତ ଦିଗପହଣ୍ଡି ସ୍ଥିତ ବଡ଼ଖେମୁଣ୍ଡି ଚିତ୍ରକର ସଂଘ ପକ୍ଷରୁ ବିଭିନ୍ନ ଦାବି ପୂରଣ ପାଇଁ ଗୁରୁବାର ଦିଗପହଣ୍ଡି ବିଡ଼ିଓ ଚିତ୍ତରଞ୍ଜନ ଦାସଙ୍କ ଜରିଆରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦିଗପହଣ୍ଡି ଅଞ୍ଚଳରେ ବହୁ କଳାକାର ପାରମ୍ପରିକ ଭାବେ ସାଇନ୍ ବୋର୍ଡ, କପଡ଼ା ବ୍ୟାନର, କିଛି କିଛି ସରକାରୀ ଓ ଘରୋଇ ସଂସ୍ଥାର ବିଜ୍ଞାପନ କାନ୍ଥରେ ଲେଖିବା ଚିତ୍ର ମାଧ୍ୟମରେ ସହର ଓ ଗ୍ରାମାଞ୍ଚଳର କାନ୍ଥ ବାଡ଼ ଗୁଡ଼ିକୁ ସୌନ୍ଦର୍ଯ୍ୟକରଣ କରିବା ଆଦି କାର୍ଯ୍ୟ କରି ନିଜେ ବଞ୍ଚିବା ସହ ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି। କିନ୍ତୁ ଗତ କିଛି ବର୍ଷ ହେଲା ସେମାନଙ୍କୁ କାମ ମିଳୁନାହିଁ। ଫଳରେ ଅନେକ ଚିତ୍ରକର ନିଜର ବୃତ୍ତିଠାରୁ ଦୂରେଇ ଯାଇ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟକୁ ଚାଲି ଯାଉଛନ୍ତି। ତେଣୁ ରାଜ୍ୟ ସରକାର ସେମାନଙ୍କ ପ୍ରତି ଦୃଷ୍ଟି ଦେବାକୁ ଦାବି କରାଯାଇଛି। ସହର ଓ ଗ୍ରାମାଞ୍ଚଳର ସମସ୍ତ ରଙ୍ଗ ତୂଳୀ ଚିତ୍ରକର ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସରକାରୀ ଭାବେ ପରିଚୟପତ୍ର ପ୍ରଦାନ କରିବା ସେମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା ଏବଂ ବର୍ଷସାରା ବର୍ଗଫୁଟ ହିସାବରେ କାମ ଯୋଗାଇ ଦେବା ସହ ଠିକ ମଜୁରି ପ୍ରଦାନ କରିବା, ରଙ୍ଗ ତୂଳୀ କଳାକାର ବୋର୍ଡ ଗଠନ କରାଯିବା, ସରକାରୀ କାର୍ଯ୍ୟ ଗୁଡ଼ିକୁ ସ୍ଥାନୀୟ ପେଣ୍ଟର ରଙ୍ଗ ତୂଳୀ କଳାକାର ମାନଙ୍କୁ କାମ ଯୋଗାଇ ଦେବା, ପ୍ରତି ଜିଲାରେ ରଙ୍ଗ ତୂଳୀ କଳାକାରଙ୍କ ପାଇଁ ଗୋଷ୍ଠୀ କର୍ମଶାଳା ଗୃହ ନିର୍ମାଣ କରାଯିବା ଆଦି ଦାବି ଗୁଡ଼ିକ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସ୍ମାରକପତ୍ର ପ୍ରଦାନ ସମୟରେ ରାମାନୁଜ ପଟ୍ଟନାୟକ, କୁରେଶ୍ବ ପଣ୍ଡା, ଗିରିଶ କବି, ଏସ୍.ନିରଞ୍ଜନ ଆଚାରୀ, ସୁଧାଂଶୁ ପଟ୍ଟନାୟକ, ସୁଶୀଳ କୁମାର ନାୟକ, ପ୍ରଭାତ ଚନ୍ଦ୍ର ପାଢ଼ୀ,ସୁରେନ୍ଦ୍ର ମାର୍ଥା ଓ ବୁଦ୍ଧିଆ ମହାପାତ୍ର ପ୍ରମୁଖ ଅନ୍ୟମାନେ ଉପସ୍ଥିତ ଥିଲେ।



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚିତ୍ରକର ସଙ୍ଘର କାର୍ଯ୍ୟକର୍ତ୍ତା ।

